# NATIONAL NEWS BULLETIN (ODIA)

## 2 February - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଜି ଆଗତ କରାଯିବ ଧନ୍ୟବାଦ ପ୍ରସ୍ତାବ

- ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

- ଦେଶର ଯୁବଶକ୍ତିଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ୨୦୨୬-୨୭ ବଜେଟ୍ ସହାୟକ ହେବ, କହିଲେ ପ୍ରଧାନମନ୍ତ୍ରୀ

ଏବଂ

- ୧୯ ବର୍ଷରୁ କମ୍ ପୁରୁଷ ଆଇସିସି ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଗତକାଲିର ମ୍ୟାଚ୍‌ରେ ପାକିସ୍ତାନକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କଲା ଭାରତ

# ମୋସନ ଅଫ୍ ଥ୍ୟାଙ୍କ୍ସ

ସଂସଦର ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଜି ଧନ୍ୟବାଦ ପ୍ରସ୍ତାବ ଆଗତ କରାଯିବ । କେନ୍ଦ୍ରମନ୍ତ୍ରୀ ତଥା ବିଜେପି ସାଂସଦ ସର୍ବାନନ୍ଦ ସୋନୱାଲ ଏହି ପ୍ରସ୍ତାବକୁ ଲୋକସଭାରେ ଆଗତ କରିବେ। ବିଜେପିର ଅନ୍ୟତମ ସାଂସଦ ତେଜସ୍ୱୀ ସୂର୍ଯ୍ୟ ଏହାକୁ ସମର୍ଥନ କରିବେ । ସେହିଭଳି ରାଜ୍ୟସଭାରେ ବିଜେପି ସାଂସଦ ସି.ସଦାନନ୍ଦନ ମାଷ୍ଟର ଗୃହରେ ଅନୁରୂପ ପ୍ରସ୍ତାବ ଆଗତ କରିବାକୁ ଥିବା ବେଳେ ତାଙ୍କ ଦଳର ଅନ୍ୟତମ ସାଂସଦ ମେଧା ବିଶ୍ରାମ କୁଲ୍‌କର୍ଣ୍ଣି ଏହି ପ୍ରସ୍ତାବକୁ ସମର୍ଥନ କରିବାର କାର୍ଯ୍ୟସୂଚୀ ରହିଛି ।

# ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ୬ ଦିନିଆ ଓଡ଼ିଶା ଓ ଛତିଶଗଡ଼ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ସନ୍ଧ୍ୟାରେ ସେ ଭୁବନେଶ୍ୱରଠାରେ ପହଞ୍ଚିବେ । ଆସନ୍ତାକାଲି ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେବା ସହିତ ନବନିର୍ମିତ ଅଡିଟୋରିୟମ୍‌କୁ ଉଦ୍‌ଘାଟନ କରିବେ । ବୁଧବାର ଦିନ ରାଷ୍ଟ୍ରପତି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହିତ ରାଇରଙ୍ଗପୁରର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ

ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଶ୍ରୀମତୀ ମୁର୍ମୁ ସରକାରୀ ଆୟୁର୍ବେଦ ମେଡ଼ିକାଲ କଲେଜ ଓ ଡାକ୍ତରଖାନା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ, ତୀରନ୍ଦାଜ କେନ୍ଦ୍ର, ସହର ସୌନ୍ଦର୍ଯ୍ୟକରଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବିଭିନ୍ନ କଲ୍ୟାଣମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଆସନ୍ତା ୬ ତାରିଖ ଦିନ ରାଷ୍ଟ୍ରପତି ଶିମିଳିପାଳଠାରେ ଆଦିବାସୀ ସଂପ୍ରଦାୟର ମହିଳା ଓ ଯୁବକମାନଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ପରେ ସେ ଭୁବନେଶ୍ୱରରେ ରାଜ୍ୟ ସରକାର ଓ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟଓ୍ୱର୍କ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ବ୍ଲୁକ୍‌ସ୍ୱାନ୍ ସମିଟ୍ ଇଣ୍ଡିଆରେ  ଉଦ୍‌ବୋଧନ ଦେବେ । ଆସନ୍ତା ୭ ତାରିଖ ଦିନ ରାଷ୍ଟ୍ରପତି ଛତିଶଗଡ଼ ଗସ୍ତ କରି ଜଗଦଲପୁରରେ ହେବାକୁ ଥିବା ବସ୍ତର ପାଣ୍ଡୁମ୍-୨୦୨୬ ମହୋତ୍ସବର ଉଦ୍‌ଘାଟନ କରିବେ ।

## ସ୍ପେଶାଲ ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍‌ରେ ଅର୍ଥମନ୍ତ୍ରୀ' ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା, ଘରୋଇ ଉତ୍ପାଦନ କ୍ଷମତା, ନିବେଶ ଏବଂ ରପ୍ତାନୀ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏତଦ୍‌ବ୍ୟତୀତ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ଆମଦାନୀ

ଉପରେ ନିର୍ଭରଶୀଳତା ହ୍ରାସ କରିବା ଲକ୍ଷ୍ୟରେ ଦେଶପାଇଁ  ଏକ ବିକାଶ ଏବଂ ସଂସ୍କାରମୁଖୀ ବଜେଟ୍ ଉପସ୍ଥାପନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' କେନ୍ଦ୍ର ବଜେଟ୍ ୨୦୨୬-୨୭କୁ ଐତିହାସିକ ବୋଲି କହିବା ସହିତ ଏହାକୁ ଯୁବଶକ୍ତିଙ୍କ ବଜେଟ୍ ବୋଲି ଅଭିହିତ କରିଛନ୍ତି । ଦେଶର ଯୁବବର୍ଗଙ୍କର ପ୍ରତ୍ୟେକଟି ସ୍ୱପ୍ନକୁ ସାକାର କରିବା ଦିଗରେ ଏହି ବଜେଟ୍ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି ।

**V/O(PM)**

ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏହି ବଜେଟ୍ ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଦିଗରେ ସରକାରଙ୍କ ସଂକଳ୍ପକୁ ଅଧିକ ସୁଦୃଢ଼ କିଛି । ଏହି ବଜେଟ୍ ସୁରକ୍ଷା ଏବଂ ଆତ୍ମନିର୍ଭର ଭାରତ ମଧ୍ୟରେ ସନ୍ତୁଳନକୁ ଅଧିକ ସଶକ୍ତ କରିବ ବୋଲି ସେ କହିଛନ୍ତି ।

**V/O(Rajnath)**

## ପି.ଏମ୍. - ପଞ୍ଜାବ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଗତକାଲି ପଞ୍ଜାବ ଗସ୍ତ କରି ଜଳନ୍ଧରର ଡେରା ସଚ୍‌ଖଣ୍ଡ ବଲ୍ଲାନ୍‌ରେ ସନ୍ଥ ଗୁରୁ ରବିଦାସଙ୍କ ୬୪୯ତମ ପ୍ରକାଶପର୍ବ ଅବସରରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଡେରାରେ ଅବତରଣ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଆଦମ୍‌ପୁର ବିମାନ ବନ୍ଦରକୁ ଶ୍ରୀଗୁରୁ ରବିଦାସ

ମହାରାଜଜୀ ବିମାନ ବନ୍ଦର ଭାବେ ନାମିତ କରିଛନ୍ତି । ଏଥିସହ ପ୍ରଧାନମନ୍ତ୍ରୀ' ଲୁଧିଆନା ହଲ୍‌ୱାରା ବିମାନ ବନ୍ଦରର ଟର୍ମିନାଲ୍ ଅଟ୍ଟାଳିକାକୁ ମଧ୍ୟ ଲୋକାର୍ପଣ କରିଛନ୍ତି ।

ଡେରାଠାରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଦେଶ ଦ୍ରୁତଗତିରେ ଆଗେଇ ଚାଲିଛି । ଗତକାଲି ସଂସଦରେ ଉପସ୍ଥାପିତ ହୋଇଥିବା କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପଞ୍ଜାବ ସମେତ ଦେଶର ଶିଳ୍ପାନୁଷ୍ଠାନ ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ନିଜର ଉତ୍ପାଦନ ହାର ବୃଦ୍ଧି କରିବା ସହ ସେଗୁଡ଼ିକର ବିପଣନ ଦିଗରେ ସରକାର ଅଧିକ ଯତ୍ନବାନ ଅଛନ୍ତି।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଦ୍ୱାରା ପଞ୍ଜାବର ଉତ୍ପାଦଗୁଡ଼ିକ ସହଜରେ ରପ୍ତାନୀ ହେବା ସହ ଶିଳ୍ପାନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହନ ମିଳିପାରିବ । ଏଥିଲାଗି ଉନ୍ନତମାନର ସ୍ୱଦେଶୀ ଉତ୍ପାଦ ତିଆରି କରିବା ସହିତ ବ୍ରିଟିଶ ଶାସନ ପୂର୍ବରୁ ଆନ୍ତର୍ଜାତିକ ସ୍ତରରେ ଭାରତର ଥିବା ଗୌରବକୁ ଫେରାଇ ଆଣିବା ଦିଗରେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଶିଳ୍ପାନୁଷ୍ଠାନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

# ରାଜନାଥ-ଆଇଜିସି

ଦେଶର ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଆନ୍ତଃସେବା ସମନ୍ୱୟରେ କିଭଳି ସଶକ୍ତ କରାଯାଇ ପାରିଛି, ଅପରେସନ ସିନ୍ଦୂର ମାଧ୍ୟମରେ ତାହା

ପ୍ରତିଫଳିତ ହୋଇଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଭାରତୀୟ ତଟରକ୍ଷୀ ବାହିନୀର ୫୦ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ତଟରକ୍ଷୀ ବାହିନୀକୁ ଦେଶର ସାମୁଦ୍ରିକ ସୀମାର ଏକ ବିଶ୍ୱସନୀୟ ପ୍ରାଚୀର ଭାବେ ବର୍ଣ୍ଣନା କରିବା ସହ ଦେଶ ପ୍ରତି ଏହି ବାହିନୀର ଉତ୍ସର୍ଗୀକୃତ ସେବାମନୋଭାବ ଉପରେ ପ୍ରତିରକ୍ଷାମନ୍ତ୍ରୀ ଆଲୋକପାତ କରିଛନ୍ତି । ସନ୍ତ୍ରାସବାଦ କାର୍ଯ୍ୟକ୍ରମ, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ମାନବ ଚାଲାଣ ସମେତ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକୁ ରୋକିବା ଦିଗରେ ଏହି ବାହିନୀ ସବୁଦିଗରୁ ସଂପୂର୍ଣ୍ଣ ସଜାଗ ରହିଛି ବୋଲି ଶ୍ରୀ ସିଂ ମତବ୍ୟକ୍ତ କରିଛନ୍ତି ।

## କ୍ରିକେଟ୍

୧୯ ବର୍ଷରୁ କମ୍ ପୁରୁଷ ଆଇସିସି ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଗତକାଲିର ମ୍ୟାଚ୍‌ରେ ଭାରତ ପାକିସ୍ତାନକୁ ୫୮ ରନ୍‌ରେ ପରାସ୍ତ କରିଛି । ଏହି ବିଜୟ ପରେ ଭାରତ ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛି । ଗତକାଲି ଜିମ୍ବାୱେର ବୁଲାୱାୟା ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୪୯ ଓଭର ଓ ୫ଟି ବଲ୍‌ରେ ୨୫୨ ରନ୍ କରିବାରେ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ବେଦାନ୍ତ ତ୍ରିବେଦୀ ସର୍ବାଧିକ ୬୮ ରନ୍ କରିଥିଲେ । ୨୫୩ରନ୍ ବିଜୟ ଲକ୍ଷ୍ୟର ପିଛା କରି ପାକିସ୍ତାନ ୪୬ ଓଭର ଓ ୨ଟି ବଲ୍‌ରେ ୧୯୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଭାରତ ପକ୍ଷରୁ ଆୟୁଷ ମହାତ୍ରେ ଓ ଖିଲାନ୍

ପଟେଲ୍ ୩ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଆର୍.ଏସ୍. ଅମ୍ବ୍ରିଶ୍, ହେନିଲ୍ ପଟେଲ, କନିସ୍ ଚୌହାନ ଓ ବିହନ୍ ମାଲହୋତ୍ରା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । କନିସ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆସନ୍ତା ୪ ତାରିଖରେ ହେବାକୁ ଥିବା ସେମିଫାଇନାଲ୍‌ରେ ଭାରତ ଆଫଗାନିସ୍ତାନକୁ ଭେଟିବ । ସେହିଭଳି ଆସନ୍ତାକାଲି ହେବାକୁ ଥିବା ଅନ୍ୟ ଏକ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ଏହି ଦୁଇଟି ମ୍ୟାଚ୍‌ର ବିଜେତା ମାନେ ଆସନ୍ତା ୬ ତାରିଖ ଦିନ ଫାଇନାଲ୍‌ରେ ପରସ୍ପରକୁ ଭେଟିବେ ।